ନିତି ଭାରତୀ

ଅନ୍ୟମାନଙ୍କର ବିଚାରକ ହୁଅନାହିଁ। ନିଜେ ନିଜର ବିଚାରକ ହୁଅ, ତା'ହେଲେ ତୁମେ ସୁଖୀ ହେବ। ଅନ୍ୟମାନଙ୍କର ବିଚାରକ ହେଲେ ନିଜର ଜୀବନକୁ ତୁମେ ଜାଳିପୋଡ଼ି ଛାରଖାର କରିଦେବ। - **ମହାତ୍ମା ଗାନ୍ଧୀ**

ଈଶ୍ୱର କ'ଣ ଅଛନ୍ତି ?



ଆମ ସମୟର କଥା

ଶୈଳେନ୍ଦ୍ର ଦ୍ୱିବେଦୀ

ଆମ ସମୟରେ ଖ୍ୟାତନାମା ଜ୍ୟୋତିର୍ବିଦ୍ ଷ୍ଟିଫେନ୍ ହକିଂ (ତା ୮.୧.୧୯୪୨ରିଖ- ତା ୧୪.୩.୨୦୧୮ରିଖ) ଆଉ ନାହାନ୍ତି। ଉଭୟ ବୈଜ୍ଞାନିକ ତଥା ଅଣବୈଜ୍ଞାନିକ ସମୁଦାୟରେ 'ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଟାଇମ୍'ର ଲେଖକ ଭାବରେ ସେ ଯେତିକି ପ୍ରସିଦ୍ଧ, ଚର୍ଚ୍ଚିତ, 'ବ୍ଲାକ୍‌ହୋଲ୍' ବା କୃଷ୍ଣଗର୍ତ୍ତମାନଙ୍କ ଉପସ୍ଥିତି ଓ ପ୍ରକୃତି ସମ୍ପର୍କରେ ତାଙ୍କର ବିରଳ ତତ୍ତ୍ୱ ସେତିକି ବିସ୍ମୟକର। ନିଜର ଯୁକ୍ତିନିଷ୍ଠ ତଥା ନିଆରା ମତ ଅନ୍ୟମାନଙ୍କଠୁ ତାଙ୍କୁ ଭିନ୍ନ କରି ରଖିଥିଲା। ଦୀର୍ଘ ବର୍ଷ ଧରି ହକିଂଙ୍କ ଦେହ ସିନା ଅଚଳ ହୋଇ ରହିଥିଲା, ମସ୍ତିଷ୍କ କିନ୍ତୁ ଶେଷ ପର୍ଯ୍ୟନ୍ତ ଠିକ୍‌ଠାକ୍ ଥିଲା। ସେଇଥିପାଇଁ ଆର୍ମଚେୟାରରେ ବସି ବି ହକିଂ ମହାଶୟ ଢେର୍ ଥର ଅନ୍ତରୀକ୍ଷ ପରିକ୍ରମା କରି ସାରିଥିଲେ। ଗ୍ରହ, ନକ୍ଷତ୍ର, ଛାୟାପଥ ଓ ବ୍ଲାକ୍‌ହୋଲ୍‌ମାନଙ୍କ ସହିତ ତାଙ୍କର ଅଦ୍ଭୁତ ମିତ୍ରତା ସ୍ଥାପିତ ହୋଇ ସାରିଥିଲା। ଷ୍ଟିଫେନ୍ ବିଶ୍ୱାସ କରୁଥିଲେ, ନିକଟରେ ନହେଲେ ହେଁ ଆଗକୁ ମଣିଷକୁ ପୃଥିବୀ ପରି ଆଉ କେଉଁ ଗ୍ରହର ତଲାସ କରିବାକୁ ପଡ଼ିବ- ବସତି ସ୍ଥାପନ ପାଇଁ। ପୃଥିବୀ ପୃଷ୍ଠରେ ପର୍ଯ୍ୟାବରଣର ବିପର୍ଯ୍ୟସ୍ତ ଚରିତ୍ର ଏବଂ ଜନସଂଖ୍ୟା ସହିତ ତାଳ ଦେଇ ବଢୁଥିବା ସମ୍ବଳର ସଂକୁଚନ ଆମ ଜୀବନ ପାଇଁ ହୁଏତ ଆଗକୁ ଅନୁକୂଳ ହେବନାହିଁ। ସେସବୁ ସଂକେତ ବାରି ହୋଇ ପଡ଼ିଲାଣି।

ପାଠକେ, ମୃତ୍ୟୁ ଉପରାନ୍ତ ପ୍ରକାଶିତ ହକିଂଙ୍କ ଯେଉଁ ବହିଟି ଏବେ ଚର୍ଚ୍ଚାକୁ ଆସିଛି, ସେଇଟି ହେଉଛି, 'ବ୍ରିଫ୍ ଆନ୍‌ସରସ୍ ଟୁ ବିଗ୍ କ୍ୱେଶ୍ଚିନ୍‌ସ୍'। ଖୁବ୍ ସଂକ୍ଷେପରେ ନହେଲେ ହେଁ ଯେଉଁସବୁ ପ୍ରଶ୍ନର ଉତ୍ତର ହକିଂ ପୁସ୍ତକରେ ରଖିଛନ୍ତି, ସେସବୁ ଭିତରେ ରହିଛି- ଈଶ୍ୱର ଅଛନ୍ତି କି, ସୃଷ୍ଟି ନିର୍ମାଣ ହେଲା କେମିତି, ଆମ ପୃଥିବୀକୁ ବାଦ୍ ଦେଇ ଅନ୍ୟତ୍ର ବୁଦ୍ଧିମାନ୍ ଜୀବସତ୍ତା ସମ୍ଭବ କି, ଭବିଷ୍ୟର ପୂର୍ବାନୁମାନ ଆମେ କରି ପାରିବା ନା ନାହିଁ, ବ୍ଲାକ୍‌ହୋଲ୍ ଭିତରେ କ'ଣ ଅଛି, ଭବିଷ୍ୟକୁ ଆମେ ରୂପ ଦେବା କେମିତି ଇତ୍ୟାଦି। ସେଇ ପର୍ଯ୍ୟାୟରେ, ଏଥର ଆଲୋଚନା ହକିଂଙ୍କ ପ୍ରଥମ ଉତ୍ତର ଉପରେ: ଈଶ୍ୱର କ'ଣ ଅଛନ୍ତି ?

ଷ୍ଟିଫେନ୍ ଲେଖିଛନ୍ତି, ଆଗରୁ ସୃଷ୍ଟି ରହସ୍ୟ ଏବଂ ଈଶ୍ୱରଙ୍କୁ ଜାଣିବା ପାଇଁ ଆମ ପାଖରେ ବୈଜ୍ଞାନିକ ଉପଲବ୍ଧି ନଥିଲା। ସେଥିପାଇଁ ଅତୀତରେ ମହା ପରାକ୍ରମୀମାନେ ବି ଧର୍ମୀୟ ବିଶ୍ୱାସକୁ ଗୁରୁତ୍ୱ ଦେଉଥିଲେ। ଏପରିକି ବିଜୁଳି ଓ ବଜ୍ରପାତକୁ ବୁଝିବା ପାଇଁ ଧର୍ମକୁ ଚାହିଁବା ପାଇଁ ପଡୁଥିଲା। ସେ ସମୟ ଅତିକ୍ରାନ୍ତ। ହକିଂ କହିଛନ୍ତି, 'ମୋର ଈଶ୍ୱରଙ୍କ ବିରୁଦ୍ଧରେ କିଛି ଅଭିସନ୍ଧି ନାହିଁ। ମୁଁ ଏମିତି କିଛି ଧାରଣା ଦେବାକୁ ଚାହୁଁନାହିଁ ଯେ ଈଶ୍ୱରଙ୍କୁ ମୁଁ ପ୍ରମାଣିତ ବା ଅପ୍ରମାଣିତ କରୁଛି। ବାସ୍, ମୋ କାମଟି ହେଉଛି ଯୁକ୍ତିନିଷ୍ଠତା ଆଧାରରେ ବ୍ରହ୍ମାଣ୍ଡକୁ ବୁଝିବା ପାଇଁ ଚେଷ୍ଟା କରିବା।' ତାଙ୍କ ମତରେ, ଶତାବ୍ଦୀ ଶତାବ୍ଦୀ ଧରି ଆମେ ବିଶ୍ୱାସ କରି ଆସୁଛୁ- ଜଣେ ଭିନ୍ନକ୍ଷମ ହେବା ଈଶ୍ୱରଙ୍କ ଅଭିଶାପ। ହୁଏତ ସେମିତି ଜଣେ ଭାବିପାରେ। ତେବେ ଏ ସମ୍ପର୍କରେ ବିକଳ୍ପ ଚିନ୍ତନ ମଧ୍ୟ ସମ୍ଭବ। ଯାହା ଗୁରୁତ୍ୱପୂର୍ଣ୍ଣ, ତାହା ପ୍ରକୃତରେ ହେଉଛି, ପ୍ରକୃତିର ନିୟମ। ଯଦି ଜଣେ ଚାହିଁବ, ସେ ପ୍ରକୃତିର ନିୟମକୁ ଈଶ୍ୱରଙ୍କ ନିୟମ ବୋଲି ଅବଶ୍ୟ କହି ପାରିବ, ତେବେ ତାହା ଆଦୌ ପରମେଶ୍ୱରଙ୍କ ନିର୍ଦ୍ଦିଷ୍ଟ ଉପସ୍ଥିତି ସମ୍ପର୍କରେ ପ୍ରମାଣ ବୋଲି ଗ୍ରହଣ କରାଯାଇ ପାରିବ ନାହିଁ। ଅଢ଼େଇ ହଜାର ବର୍ଷ ତଳେ ଆରିଷ୍ଟାର୍କସ୍ (ଗ୍ରୀକ୍ ଦାର୍ଶନିକ, ଗଣିତଜ୍ଞ ଏବଂ ଜ୍ୟୋତିର୍ବିଦ୍) ଦୀର୍ଘ ଅଧ୍ୟୟନ ଉତ୍ତାରୁ ନିର୍ଣ୍ଣୟ ନେଇଥିଲେ ଯେ ଚନ୍ଦ୍ର ଗ୍ରହଣ, ସୂର୍ଯ୍ୟ ପରାଗ ସମ୍ପୂର୍ଣ୍ଣ ପ୍ରାକୃତିକ; ପୃଥିବୀ ବ୍ରହ୍ମାଣ୍ଡର କେନ୍ଦ୍ରରେ ନାହିଁ ଏବଂ ଦୂର ଆକାଶରେ ଚିକ୍‌ଚିକ୍ କରୁଥିବା ତାରା ଆମ ସୂର୍ଯ୍ୟ ପରି। ସେମାନେ ଯାହା ଯଥେଷ୍ଟ ଦୂରରେ ଅଛନ୍ତି। ଅଢ଼େଇ ହଜାର ବର୍ଷ ତଳେ ଏମିତି ଏକ ନିଷ୍କର୍ଷ ବୈପ୍ଳବିକ ଥିଲା ଏଥିପାଇଁ ଯେ ଏହା ପ୍ରକୃତିର ନିଜସ୍ୱ ନିୟମକୁ ସ୍ୱୀକାର କରୁଥିଲା। ହକିଂଙ୍କ ମତ, ମଣିଷ ତିଆରି କରିଥିବା ନିୟମ ଓ ପ୍ରକୃତିର ନିୟମ ଭିତରେ ତଫାତ୍ ହେଉଛି, ପ୍ରାକୃତିକ ନିୟମର ଉଲ୍ଲଙ୍ଘନ କରାଯାଇ ପାରିବ ନାହିଁ। ସେଇ ଦୃଷ୍ଟିରୁ ସେ ସମସ୍ତ ନିୟମ ଅନମନୀୟ, ଦୁର୍ବୀନିତ ଏବଂ ପରମ ଶକ୍ତିଶାଳୀ, ଆଉ ମଣିଷ ତିଆରି ନିୟମରେ ପରିବର୍ତ୍ତନ ସମ୍ଭବ।



ବ୍ରହ୍ମାଣ୍ଡର ସୃଜନ ପାଇଁ ଲୋଡ଼ା ଥିଲା ପଦାର୍ଥ, ଶକ୍ତି ଓ ଅନ୍ତରୀକ୍ଷ (ସ୍ପେସ୍ ଅର୍ଥରେ, ଯାହା ପର୍ଯ୍ୟାପ୍ତ)। ଆପଣ ଯୁଆଡ଼କୁ ଚାହିଁବେ, ଚାରି ପାଖରେ ଅନ୍ତରୀକ୍ଷର ବ୍ୟାପ୍ତିକୁ ଅନୁଭବ କରି ପାରିବେ। ତେଣୁ ଏସବୁ ଉପାଦାନ ଅବିକଳ କେଉଁଠୁ ଆସିଲା ? ହକିଂ କହନ୍ତି, ଶହ ଶହ ବର୍ଷ ଧରି ଆମ ପାଖରେ କୂଳ କିନାରା ନଥିଲା। ଆଉ ଯିଏ ଆମକୁ ଜ୍ଞାନ ଦେଲେ, ସେ ହେଉଛନ୍ତି ଆଇନ୍‌ଷ୍ଟାଇନ୍। ସେ ସ୍ପଷ୍ଟ କରିଥିଲେ, ବସ୍ତୁତ୍ୱ ଏବଂ ଶକ୍ତି ପ୍ରାୟତଃ ଏକା କଥା। ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ତେଣୁ ବ୍ରହ୍ମାଣ୍ଡ ନିର୍ମାଣ ପାଇଁ ତିନୋଟି ଉପାଦାନ ଆବଶ୍ୟକ ନ କହି ଆମେ ଶକ୍ତି/ ବସ୍ତୁତ୍ୱ ଏବଂ ଅନ୍ତରୀକ୍ଷ/ ଶୂନ୍ୟକୁ ଗ୍ରହଣ କରି ପାରିବା। ତେବେ ସୃଷ୍ଟି ପାଇଁ ଏତେ ଶକ୍ତି ଉତ୍ପନ୍ନ ହେଲା କେମିତି ? ଏକଥା ଜାଣିବା ପାଇଁ ଆମକୁ ଧୈର୍ଯ୍ୟର ସହ ଆହୁରି କେତେ ବର୍ଷ ଅପେକ୍ଷା କରିବା ପାଇଁ ପଡ଼ିଲା। ବିଗ୍‌ବ୍ୟାଙ୍ଗ୍ ହିଁ ସେଇ ଅଦ୍ଭୁତ ଆରମ୍ଭର ଲଗ୍ନ ଥିଲା। ବିଗ୍‌ବ୍ୟାଙ୍ଗ୍‌କୁ କେଇ ବର୍ଷ ଆଗରୁ ଏକ ମହାବିସ୍ଫୋରଣ ଅର୍ଥରେ ବୁଝା ଯାଉଥିଲା। ଏବେ ବିଜ୍ଞାନୀଙ୍କ ମତ ହେଉଛି, ଏହା ପ୍ରକୃତରେ ବିସ୍ଫୋରଣ ନୁହେଁ, ବରଂ ଏକ ସମ୍ପ୍ରସାରଣ ଥିଲା। ସେଇ ସମ୍ପ୍ରସାରଣ ଆଜି ବି କେତେକାଂଶରେ ଅବ୍ୟାହତ ରହିଛି। 'ନାସା'ର ମତ ଯେ ବ୍ରହ୍ମାଣ୍ଡ ଭୂମିଷ୍ଠ ହେବାର ପ୍ରଥମ ସେକେଣ୍ଡ୍‌ରେ ଏହାର ତାପମାତ୍ରା ଥିଲା ୧୦ ବିଲିୟନ୍ ଡିଗ୍ରୀ ସେଲ୍‌ସିୟସ୍। ସେତେବେଳେ ଉପସ୍ଥିତ ଥିଲା ଅନେକ ମୌଳିକ କଣିକା ଯଥା ନ୍ୟୁଟ୍ରନ୍, ଇଲେକ୍ଟ୍ରନ୍ ଏବଂ ପ୍ରୋଟନ୍, ଯାହା ବ୍ରହ୍ମାଣ୍ଡ ଶୀତଳ ହେବା ପ୍ରକ୍ରିୟାରେ ପରସ୍ପର ସହିତ ମିଳିତ ହେଲେ, ନଚେତ୍ ନଷ୍ଟ ହୋଇଗଲେ। ସେଇ ବାଷ୍ପୀୟ- ତରଳ ସ୍ଥିତିରେ ଆଲୋକର ସ୍ପଷ୍ଟ ଉପସ୍ଥିତି ବାରିବା ସମ୍ଭବ ହୋଇଥିଲା ୩,୮୦,୦୦୦ ବର୍ଷ ପରେ। ଆକଳନ ଅନୁସାରେ, ଏବେ ଆମ ବ୍ରହ୍ମାଣ୍ଡ ୧.୩୮ ବିଲିୟନ୍ ବର୍ଷ ପ୍ରାଚୀନ। ପୁଣି ଫେରିବା ଷ୍ଟିଫେନ୍‌ଙ୍କ ପାଖକୁ। ତାଙ୍କର ମତ, ସମୁଦାୟ ସୃଜନ ପ୍ରକ୍ରିୟାକୁ ପ୍ରକୃତିର ନିୟମ ଅବଲମ୍ବନରେ ବୁଝିବା ପାଇଁ ହେବ। ସେଥିପାଇଁ ଈଶ୍ୱରଙ୍କୁ ଟଣା ଓଟରା କରିବା ଦରକାର ନାହିଁ (ଯଦି ସେ ମହାଶୟ ଥା'ନ୍ତି!)। ଏକଥା ମଧ୍ୟ ଆମକୁ ଜାଣିବା ପାଇଁ ପଡ଼ିବ, ବିଗ୍‌ବ୍ୟାଙ୍ଗ୍ ସହିତ କେବଳ ସକାରାତ୍ମକ ଶକ୍ତି ସୃଷ୍ଟି ହେଲାନାହିଁ, ଢେର୍ ଅଧିକ ନକାରାତ୍ମକ (ନେଗେଟିଭ୍) ଶକ୍ତି ମଧ୍ୟ ଉଦ୍ଭବ ହେଲା। ସେଇ ଶକ୍ତି ଆଜି ବି ଅନ୍ତରୀକ୍ଷରେ ଉପସ୍ଥିତ। ଆକାଶକୁ ଚାହିଁ ଆପଣ ପୁଲକିତ ହୋଇ ପାରନ୍ତି, ଭାବ ବିହ୍ୱଳ ମଧ୍ୟ ହୋଇ ପାରନ୍ତି। ତେବେ ନିରାଟ ସତ ହେଉଛି, ମହାକାଶରେ/ ଅନ୍ତରୀକ୍ଷରେ ନକାରାତ୍ମକ ସମ୍ଭାବନାର ଭିଡ଼ ଅଧିକ। ମାଧ୍ୟାକର୍ଷଣ ଓ ଗତିର ନିୟମ ଅନ୍ତତଃ ତାହା ହିଁ ସୂଚେଇ ଦେଉଛି। ଯାହା ଆମକୁ ସକାରାତ୍ମକ ମନେ ହେଉଛି, ତାହା ଅପରିବର୍ତ୍ତିତ ନକାରାତ୍ମକ ଶକ୍ତି ତୁଳନାରେ ଯଥେଷ୍ଟ କମ୍। ଆମ ଅଜ୍ଞାତରେ ପ୍ରତି ମୁହୂର୍ତ୍ତରେ ଅନ୍ତରୀକ୍ଷରେ ମାଧ୍ୟାକର୍ଷଣ ପ୍ରଭାବରେ ନିୟୁତ ନିୟୁତ ଛାୟାପଥମାନେ ନିଜ ଭିତରେ ପ୍ରତିଯୋଗିତାରେ ଅଛନ୍ତି ଏବଂ ସେଇ ଦୃଷ୍ଟିରୁ ବ୍ରହ୍ମାଣ୍ଡ ନକାରାତ୍ମକ ଶକ୍ତିର ଭଣ୍ଡାର ଭାବରେ କ୍ରିୟାଶୀଳ ରହିଛି।

ହକିଂ ପ୍ରଶ୍ନ କରିଛନ୍ତି, ଏଇ ଭୟଙ୍କର, ଅସନ୍ତୁଳିତ ସ୍ଥିତିରେ ଆମେ କ'ଣ ତଥାପି ପରମେଶ୍ୱରଙ୍କୁ ଖୋଜିବା ? ଯେତେବେଳେ ସ୍ୱୟଂ ଆମ ବ୍ରହ୍ମାଣ୍ଡର ମହାଜାଗତିକ ଚରିତ୍ରଟି ଅନୁଦାର, ହୁଏତ ଭୟଙ୍କର, ସେତେବେଳେ କେମିତି ଆଶା ରଖାଯାଇ ପାରିବ ଯେ ଈଶ୍ୱର ହିଁ ସୃଷ୍ଟିର ନିର୍ମାଣ କରିଛନ୍ତି ? ସୃଜନ ଅନିୟନ୍ତ୍ରିତ, ବିକ୍ଷୁବ୍ଧ ଏବଂ ଆକସ୍ମିକ ଆଉ ଏ ସମସ୍ତ ପ୍ରକୃତିର ମହାନିୟମ। ପୁଣି ପ୍ରକୃତି ପ୍ରଚଣ୍ଡ ପରାକ୍ରମୀ। ଅନ୍ୟ ପକ୍ଷରେ ବିଜ୍ଞାନର ନିୟମକୁ ଆପଣ ଚାହିଁଲେ ଈଶ୍ୱର ସମ୍ବୋଧନ କରି ପାରନ୍ତି। ତେବେ ହକିଂଙ୍କ ମତରେ, ସେ ତ ସେମିତି ବ୍ୟକ୍ତିଗତ ଈଶ୍ୱରଟିଏ ବିଲ୍‌କୁଲ୍ ହୋଇ ପାରିବେ ନାହିଁ- ଯାହାକୁ ଆପଣ ଦେଖା କରିବା ପାଇଁ ଚାହିଁବେ, ପ୍ରଶ୍ନ ପଚାରିବା ପାଇଁ ଚାହିଁବେ ? ତାଙ୍କର ଯୁକ୍ତି ହେଉଛି, ବିଗ୍‌ବ୍ୟାଙ୍ଗ୍‌ରୁ ସମୟର ଉତ୍ପତ୍ତି ହୋଇଥିଲା। ଅର୍ଥାତ୍ ଏହା ପୂର୍ବରୁ ସମୟର ଅସ୍ତିତ୍ୱ ହିଁ ନଥିଲା। ଆଉ ସମୟର ଜନ୍ମ/ ପ୍ରବେଶ ଆଗରୁ ସ୍ରଷ୍ଟା ଭାବରେ ଈଶ୍ୱରଙ୍କ ପରିକଳ୍ପନା ନା ଯୁକ୍ତିନିଷ୍ଠ, ନା ସମ୍ଭବ।

ସରଳ ଭାବରେ ଆପଣ ଏମିତି କହି ପାରିବେ, 'ସୃଷ୍ଟି ପାଇଁ ଈଶ୍ୱରଙ୍କ ପାଖରେ 'ସମୟ' ନଥିଲା। ପୃଥିବୀ ବୃତ୍ତାକାର। ଏହାର ଧାର କେଉଁ ଦିଗରେ ପ୍ରଶ୍ନ କରିବା ଯାହା, ଈଶ୍ୱରଙ୍କ ସ୍ଥିତି ସମ୍ପର୍କରେ ପ୍ରଶ୍ନ କରିବା ସେମିତି କଥା। ମୋର ସରଳ ଉତ୍ତର ହେଉଛି, 'ଈଶ୍ୱର ବିଲ୍‌କୁଲ୍ ନାହାନ୍ତି।' ପାଠକେ, ହକିଂ ଏକଥା ମଧ୍ୟ କହିଛନ୍ତି, ସମ୍ଭବତଃ ଆମର ଏଇ ଜୀବନ ପରେ ପରବର୍ତ୍ତୀ ଜୀବନ ବୋଲି ଆଉ କିଛି ନାହିଁ। ଏଣେ ନା ଆମର ବ୍ରହ୍ମାଣ୍ଡକୁ, ନା ଆମର ଭାଗ୍ୟକୁ କେହି ନିୟନ୍ତ୍ରିତ କରୁଛି। ହଁ, ମରିବା ପରେ ଜଣେ ମାଟିରେ ହୁଏତ ମିଶି ଯାଉଛି, କିନ୍ତୁ ତା'ର ସାରାଂଶ ସ୍ମୃତି ହୋଇ ରହିଛି, ଭବିଷ୍ୟତ ପାଇଁ। ତେବେ 'ବ୍ରହ୍ମାଣ୍ଡର ରହସ୍ୟକୁ ବୁଝିବା ପାଇଁ ଆମ ପାଖରେ ଯାହା ଏଇ ଗୋଟିଏ ଜୀବନ।' ଆପଣ ଚେଷ୍ଟା କରି ପାରନ୍ତି। ■

ମୋ: ୯୪୩୭୧୩୭୦୬୦

sailendradwivedi@gmail.com

ନିତିଦିନ
NITIDIN
ଶୁକ୍ରବାର, ୯ ନଭେମ୍ବର ୨୦୧୮

ଜଳ, ସ୍ଥଳ, ଆକାଶ

ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦେଶର ପ୍ରଥମ ଆଣବିକ ଶକ୍ତିସମ୍ପନ୍ନ ବାଲିଷ୍ଟିକ୍ ମିସାଇଲ୍ ସବ୍‌ମେରିନ୍ ବା ବୁଡ଼ାଜାହାଜ 'ଆଇଏନ୍‌ଏସ୍ ଆରିହାଣ୍ଟ' ତା'ର ପ୍ରଥମ 'ନିବାରଣକାରୀ ପହରାଦାରୀ' କାର୍ଯ୍ୟକୁ ସଫଳତାର ସହିତ ଶେଷ କରିଛି। ସୋମବାର ଦିନ ଏକଥା ସଗର୍ବେ ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ନିଃସନ୍ଦେହରେ ଦେଶ ପାଇଁ ଏହା ଢେର୍ ଗର୍ବ ଓ ଗୌରବର କଥା। କେବଳ ଏତିକି ନୁହେଁ, ଆରିହାଣ୍ଟ୍‌ର ସଫଳ କାର୍ଯ୍ୟନିର୍ବାହ ସମ୍ପନ୍ନ ଦିବସକୁ ଏକ ଐତିହାସିକ ଦିବସ କହିଲେ ଅତ୍ୟୁକ୍ତି ହେବନାହିଁ। ଆମର ପଡ଼ୋଶୀ ଦେଶ ପାକିସ୍ତାନକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ନିଜର ବକ୍ତବ୍ୟ ଛଳରେ ଆହୁରି ମଧ୍ୟ କହିଛନ୍ତି- 'ଯେଉଁମାନେ ଆମକୁ ଆଣବିକ ଅସ୍ତ୍ରର ଧମକ ଦେଇ ବ୍ଲାକ୍‌ମେଲିଂ କରୁଛନ୍ତି, ସେମାନଙ୍କ ପାଇଁ ଏହି ବୁଡ଼ାଜାହାଜର ସଫଳତା ଏକ ଯଥାର୍ଥ ଉତ୍ତର।' ତାଙ୍କର ଏହି ବକ୍ତବ୍ୟ ପରୋକ୍ଷରେ ଚୀନ୍‌କୁ ମଧ୍ୟ ଚେତାବନୀ ଦେବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କୁହାଯାଇପାରେ। ବାସ୍ତବରେ ଦେଖିବାକୁ ଗଲେ ଭାରତ ଅସହିଷ୍ଣୁ ପଡ଼ୋଶୀ ରାଷ୍ଟ୍ରମାନଙ୍କ ଦ୍ୱାରା ପରିବେଷ୍ଟିତ। ଆଇଏନ୍‌ଏସ୍ ଆରିହାଣ୍ଟ ଭାରତୀୟ ବିଜ୍ଞାନ ଓ କାରିଗରୀ ବିଦ୍ୟାର ଦୁଇ ଦଶନ୍ଧିର ପରୀକ୍ଷା ନିରୀକ୍ଷା ଓ ପ୍ରତିଶ୍ରୁତିବଦ୍ଧତାର ପରିଣତି। ଏହାକୁ ଅଭୂତପୂର୍ବ ସଫଳତା କୁହାଯିବାର କାରଣ, ଯଦି ଭାରତର ସ୍ଥଳଭାଗ ଓ ଆକାଶ ମାର୍ଗର ଆଣବିକ କ୍ଷେପଣାସ୍ତ୍ର ପ୍ରୟୋଗକୁ ଶତ୍ରୁପକ୍ଷ ଆକ୍ରମଣ କରି ଅକାମୀ କରିଦିଏ, ତଥାପି ଏହି ବୁଡ଼ାଜାହାଜ ଜରିଆରେ ମହାସାଗର ବକ୍ଷରୁ ଆଣବିକ କ୍ଷେପଣାସ୍ତ୍ର ପ୍ରୟୋଗ କରାଯାଇ ପାରିବ। ଅର୍ଥାତ୍ ଆଣବିକ ଶକ୍ତିସମ୍ପନ୍ନ ଶତ୍ରୁପକ୍ଷର ମୁକାବିଲା କରିବା ନିମନ୍ତେ ଭାରତ ବର୍ତ୍ତମାନ ଜଳ, ସ୍ଥଳ ଓ ଆକାଶ- ତିନି ଦିଗରୁ ସମର୍ଥ। ପୁନଶ୍ଚ, ସ୍ଥଳଭାଗ ଓ ଆକାଶ ମାର୍ଗ ଅପେକ୍ଷା ଏହା ଅଧିକ ସୁରକ୍ଷିତ ଏବଂ ଶକ୍ତିଶାଳୀ ମାଧ୍ୟମ। ତେଣୁ ଆଣବିକ ଶକ୍ତିସମ୍ପନ୍ନ ଶତ୍ରୁପକ୍ଷର ସମ୍ମୁଖୀନ ହେବାକୁ ଭାରତୀୟ ସେନାବାହିନୀର ମନୋବଳ ବଢ଼ାଇବାରେ ଆରିହାଣ୍ଟ ଯେ ଯଥେଷ୍ଟ ସମର୍ଥ ହେବ, ଏହା କହିବା ବାହୁଲ୍ୟ ମାତ୍ର। ସର୍ବୋପରି ଆରିହାଣ୍ଟ୍‌ର ସଫଳତା ଭାରତୀୟ ବୈଜ୍ଞାନିକମାନଙ୍କୁ ଏହି କ୍ରମରେ ନିର୍ମାଣାଧୀନ ଅନ୍ୟ ଦୁଇଗୋଟି ଅଧିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ ଆଇଏନ୍‌ଏସ୍ ଆରିଘାଟ୍ ଏବଂ ଅନ୍ୟ ଏକ ବୁଡ଼ାଜାହାଜ ଯାହାର ନାମକରଣ ଏବେ ବି ଏସ୍୪ କୋଡ୍‌ରେ ରହିଛି, ସେଗୁଡ଼ିକୁ ନିର୍ମାଣ କରିବା ନିମନ୍ତେ ଅନୁପ୍ରେରିତ କରିବ।

ଆରିହାଣ୍ଟ୍‌ରେ କେ- ୧୫ ସାଗରିକା କ୍ଷେପଣାସ୍ତ୍ର ସଂଯୋଗ କରାଯାଇଛି ଯାହାର ୭୫୦ କିଲୋମିଟର ପର୍ଯ୍ୟନ୍ତ ଗତି କରିବାର ସାମର୍ଥ୍ୟ ରହିଛି। ତେଣୁ ଚୀନ୍ ଏବଂ ପାକିସ୍ତାନର କେତେକ ପ୍ରମୁଖ ସହର ଏହାର ଆକ୍ରମଣ ପରିସରରୁ ବାଦ୍ ପଡ଼ିବାର ସମ୍ଭାବନା ରହିଛି। ଅତଏବ ଭାରତକୁ ଆହୁରି ଶକ୍ତିଶାଳୀ ଆଣବିକ କ୍ଷେପଣାସ୍ତ୍ର ବହନକାରୀ ବୁଡ଼ାଜାହାଜ ନିର୍ମାଣ କରିବାର ଆବଶ୍ୟକତା ରହିଛି ଏବଂ ଭାରତ ଏହାର ପ୍ରସ୍ତୁତି ପଥରେ ଅଛି। ଆଇଏନ୍‌ଏସ୍ ଆରିଘାଟ୍ ବର୍ତ୍ତମାନ ପରୀକ୍ଷାମୂଳକ ପର୍ଯ୍ୟାୟରେ ରହିଛି ଏବଂ ଆସନ୍ତା ତିନିବର୍ଷ ଭିତରେ ଏହା କାର୍ଯ୍ୟରେ ମୁତୟନ ହେବା ଆଶା କରାଯାଉଛି। ଏତଦ୍ ବ୍ୟତୀତ ଭାରତ ଆଉ ତିନୋଟି ବୁଡ଼ାଜାହାଜ ନିର୍ମାଣ କରିବାର ଉଦ୍ଦେଶ୍ୟ ରଖିଛି ଯାହା ମଧ୍ୟରୁ ଦୁଇଗୋଟି ଏଗୁଡ଼ିକଠାରୁ ଅଧିକ ବଡ଼ ଆକାରର ହେବା ସହିତ ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ରଖିବେ। କାରଣ, ବେଳକୁ ବେଳ ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରୁଥିବା ଭାରତର ପଡ଼ୋଶୀ ଚୀନ୍ ନିକଟରେ ଅଧିକ ଶକ୍ତିଶାଳୀ ତଥା ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର ପ୍ରୟୋଗ କରିବା ଭଳି ବୁଡ଼ାଜାହାଜମାନ ରହିଛି। ତେଣୁ ଚୀନ୍ ସହିତ ସମକକ୍ଷ ହେବା ଭଳି ବୁଡ଼ାଜାହାଜମାନ ନିର୍ମାଣ କରିବା ଭାରତ ନିମନ୍ତେ ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇ ପଡ଼ିଛି।

ଆଣବିକ ଅସ୍ତ୍ର ପ୍ରୟୋଗ କରିବା ବା ଆକ୍ରମଣ କରିବା କ୍ଷେତ୍ରରେ ପ୍ରଥମ ପକ୍ଷ ହେବା ଭାରତର ନୀତି ନୁହେଁ। ଭାରତର ନୀତି ହେଉଛି- ଆଣବିକ ଅସ୍ତ୍ର 'ପ୍ରଥମେ ବ୍ୟବହାର ନ କରିବା' ଅର୍ଥାତ୍ ଶତ୍ରୁପକ୍ଷର ଆକ୍ରମଣରୁ ନିଜକୁ ରକ୍ଷା କରିବା। ଏହି ନୀତି କିନ୍ତୁ ପଡ଼ୋଶୀ ରାଷ୍ଟ୍ରମାନଙ୍କର ନାହିଁ। ଭାରତର ନୀତିକୁ ଅଧିକାଂଶ ପାଶ୍ଚାତ୍ୟ ରାଷ୍ଟ୍ର ହୁଏତ ପସନ୍ଦ କରି ନ ପାରନ୍ତି ଯେଉଁଥିପାଇଁ ସେମାନେ ଭାରତକୁ ସହାୟତା କରିବାକୁ କୁଣ୍ଠିତ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଭାରତ ଯେଉଁ ସ୍ଥାନରେ ପହଞ୍ଚିଛି, ସେଥିପାଇଁ ରୁଷୀୟ ସହାୟତା ପର୍ଯ୍ୟାପ୍ତ ସାବ୍ୟସ୍ତ ହୋଇଛି। ଏଥିରେ ଦ୍ୱିମତ ନାହିଁ ଯେ ଶତ୍ରୁ ଆକ୍ରମଣରୁ ନିଜକୁ ରକ୍ଷା କରିବା ପ୍ରତ୍ୟେକ ରାଷ୍ଟ୍ରର ଏକ ପ୍ରଧାନ କର୍ତ୍ତବ୍ୟ। ତେବେ ଏଥିପାଇଁ ରାଷ୍ଟ୍ରକୁ ବହୁମୂଲ୍ୟ ଦେବାକୁ ମଧ୍ୟ ପଡୁଛି। ଆରିହାଣ୍ଟ ନିର୍ମାଣ ନିମନ୍ତେ ହାରାହାରି ୯୦ ହଜାର କୋଟି ଟଙ୍କା ବ୍ୟୟ ହୋଇଛି। ଆଉ ଏହି ବିପୁଳ ପରିମାଣର ବ୍ୟୟ ହେଉଛି ଭୂ- ରାଜନୀତିକ ବାଧ୍ୟବାଧକତା ଯୋଗୁଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ସବୁ ରାଷ୍ଟ୍ର ପାଇଁ, ଏମିତିକି ଶାନ୍ତିକାମୀ ରାଷ୍ଟ୍ରମାନଙ୍କ ପାଇଁ ମଧ୍ୟ ଅପରିହାର୍ଯ୍ୟ ହୋଇ ପଡ଼ିଛି। ତେଣୁ ନିଜର ସୀମାର ସୁରକ୍ଷା ପାଇଁ ଶାନ୍ତିକାମୀ ହେଲେ ସୁଦ୍ଧା ଭାରତକୁ ଆରିହାଣ୍ଟ ଭଳି ଆହୁରି ବେଶ୍ କିଛି ସଂଖ୍ୟକ ଅଧିକ କ୍ଷମତାସମ୍ପନ୍ନ ବୁଡ଼ାଜାହାଜ ନିର୍ମାଣ କରିବାକୁ ପଡ଼ିବ। ଆରିହାଣ୍ଟ୍‌ର ସଫଳତାକୁ ନେଇ ସେଇଭଳି ଆଉ କିଛି ହାତଗଣତି ବୁଡ଼ାଜାହାଜ ନିର୍ମାଣ କରି ନିଜ ପିଠି ନିଜେ ଥାପୁଡ଼ାଇଲେ ହେବନାହିଁ। ■

ନମ୍ରତା

ମଣିଷର ସୁଗୁଣ ଭିତରୁ ନମ୍ରତା ଗୋଟିଏ ଗୁଣ। ଏହା ଖାଲି ଗୁଣ ନୁହେଁ ତ ଆୟୁଧଟିଏ ଯାହା ବଳରେ ମଣିଷ ଅନେକ ଦୁଃସାଧ୍ୟ କାର୍ଯ୍ୟ ସାଧନ କରି ପାରିବ। ଦରକାର ପଡ଼ିଲେ ଦୁର୍ଜନକୁ ବି ବଶୀଭୂତ କରି ପାରିବ, ପୁଣି ବଡ଼ଲୋକଙ୍କଠାରୁ କାମଟିଏ ବି ହାସଲ କରିହେବ ଏଇ ନମ୍ର ଗୁଣ ଦ୍ୱାରା। କେବଳ ମଣିଷ କାହିଁକି, ଭଗବାନଙ୍କୁ ମଧ୍ୟ ପ୍ରାପ୍ତ କରିବାରେ ନମ୍ରତା ଗୋଟିଏ ବଡ଼ ଗୁଣ। ନମ୍ରତା କହିଲେ ଆମେ ଏତିକି ବୁଝୁ ଯେ ଜଣେ ଯେତେ ବିରାଟ ହେଲେ ବି ନିଜକୁ ସମସ୍ତଙ୍କ ପାଖରେ ଖୁବ୍ ଛୋଟ ମନେ କରୁଥିବ। ଅନ୍ୟ ଭାଷାରେ କହିବାକୁ ଗଲେ, ନିଜର ପ୍ରତିଷ୍ଠା, ବଡ଼ପଣକୁ ଭୁଲିଯାଇ ଅନ୍ୟକୁ ବଡ଼ ଭାବିବା। ଆମେ ବେଳେବେଳେ ଦେଖେଇ ହୋଇ ନମ୍ରତା ଆଚରଣ କରୁ। ମନେକର, ଦାମିକା ପୋଷାକ ପିନ୍ଧି ଠାକୁର ଦର୍ଶନ କରିବାକୁ ଯାଇଥିବା। ଲୋକ ଥିଲେ ଧୂଳିରେ ମୁଣ୍ଡିଆ ମାରୁଥିବା। କେହି ନଥିଲେ କେବଳ ହାତ ଯୋଡ଼ି ପ୍ରଣାମ କରୁଥିବା। ଏଠି ଆମ ପ୍ରଣାମ ଠାକୁରଙ୍କ ଉଦ୍ଦେଶ୍ୟରେ ନୁହେଁ, ଲୋକଙ୍କ ଉଦ୍ଦେଶ୍ୟରେ ହୋଇଥାଏ। ଆମେ ନିଜର ଭକ୍ତି ଲୋକଙ୍କୁ ଦେଖେଇବାକୁ ଚାହୁଁ, ଠାକୁରଙ୍କୁ ନୁହେଁ।

ପଦାରବିନ୍ଦ

ଆଉ ଅନେକ ଲୋକଙ୍କ ଭିତରେ ନମ୍ରତା ଆତ୍ମଗୋପନ କରିଥାଏ, କିନ୍ତୁ ପ୍ରତିଷ୍ଠା, ପ୍ରତିପତ୍ତି ସେମାନଙ୍କୁ ଆଚରଣଶୀଳ କରାଇବାକୁ ଦିଏନା। ଏମାନେ କାହାରିକୁ ମୁଣ୍ଡ ଲଗାଇ ପ୍ରଣାମ କରିବାକୁ ଭାରି ସଙ୍କୋଚ ବୋଧ କରନ୍ତି। ଜଣେ ସାମାଜିକ ପ୍ରତିଷ୍ଠା ଅର୍ଜନ କରିଥିବା ଲୋକ ସାଧୁ ସନ୍ଥ ବାବାଜୀଙ୍କୁ ଏକାନ୍ତରେ ଦେଖିଲେ ମୁଣ୍ଡ ନୋଇଁ ପ୍ରଣାମ କରନ୍ତି। କିନ୍ତୁ ଲୋକମାନଙ୍କ ଗହଣରେ ଦେଖିଲେ କେବଳ ପାଦ ଛୁଇଁ ପ୍ରଣାମ କରନ୍ତି। ନମ୍ରତା ମଣିଷର ଆଚରଣ ସହିତ ହୃଦୟତାର ସହିତ ପ୍ରକାଶିତ ହେଲେ ବ୍ୟକ୍ତି ପାଇଁ ଭଲ। ଡାକ୍ତର ରୋଗୀ ସେବା କରନ୍ତି। ତାଙ୍କର ନମ୍ର କଥା ଓ ବ୍ୟବହାରରେ ଅନେକ ପରିମାଣରେ ରୋଗ ଭଲ ହୋଇଯାଏ। ଏମିତି ଡାକ୍ତରଙ୍କ ପାଖରେ ଲୋକମାନଙ୍କର ଗହଳି ଲାଗେ। ଏହାର କାରଣଟି ହେଉଛି, ବ୍ୟବହାରରେ ନମ୍ରତା ଗୁଣ ପ୍ରକାଶିତ ହେବା। ନହେଲେ ଲୋକମାନେ ଜଣକୁ କହୁଛନ୍ତି ଅମୁକ ବାବୁଙ୍କ ହାତ ବାଜିଲେ ରୋଗ ଭଲ ହୋଇଯିବ! ପୁଣି ଅନ୍ୟ ଜଣଙ୍କ ପାଖକୁ ଯିବା ପାଇଁ ରାଜି ହେଉ ନାହାନ୍ତି କାହିଁକି ? ସବୁ ଡାକ୍ତରଙ୍କର ପାଠ ତ ସମାନ, ଔଷଧ ବି ସମାନ। ଫରକଟି ରହୁଛି ଏହି ନମ୍ରତା ଗୁଣରେ। ଜୀବନରେ ଯିଏ ଯେତିକି ନମ୍ର ହୋଇ ପାରିବ, ସେ ସେତିକି ଉଚ୍ଚ ସ୍ତରକୁ ଯାଇ ପାରିବ। ଥରେ ସୋଭିଏତ୍ ରୁଷ୍‌ର ରାଷ୍ଟ୍ରପତି ଲେନିନ୍ ରାସ୍ତାରେ ଯାଉ ଥାଆନ୍ତି। ତାଙ୍କୁ ଜଣେ ହାତ ଯୋଡ଼ି ନମସ୍କାର କଲେ। ମାତ୍ର ଲେନିନ୍ ଉକ୍ତ ବ୍ୟକ୍ତିଙ୍କୁ ହାତ ଯୋଡ଼ି ମୁଣ୍ଡ ନୁଆଇଁ ପ୍ରଣାମ କଲେ। ଲେନିନ୍‌ଙ୍କ ପାଖ ଲୋକମାନେ କହିଲେ, ଆପଣ ତ ରାଷ୍ଟ୍ରର ନାୟକ। ଆପଣଙ୍କୁ ସମସ୍ତେ ନମସ୍କାର କରିବା ସ୍ୱାଭାବିକ। ହେଲେ ଆପଣ ସମସ୍ତଙ୍କୁ ନତମସ୍ତକ ହୋଇ ନମସ୍କାର କରିବାର କାରଣ କ'ଣ ? ଲେନିନ୍ କହିଲେ- 'କାହାରି ପାଖରେ ମୁଣ୍ଡ ନୋଇଁ ଦେଲେ ମଣିଷର ଇଜ୍ଜତ ନଷ୍ଟ ହୋଇ ଯାଏନା, ବରଂ ନିଜ ନମ୍ରତାର ପରିଚୟ ଦେଇଥାଏ।' ■

ମୋ ଶାଶୂ ମହୁଠାରୁ ବି ମିଠା



ସଂଜୟ ହାତୀ

'ଆଳୁର ଚୋପା, ବୋପାର ବୋପା, ଭିଟାମିନ୍ ନାହିଁ, ତେବେ ବି ସାର'। ଜଣେ ପ୍ରତିଷ୍ଠିତ କବିଙ୍କର ଏ ଧାଡ଼ିକ ଲେଖାରେ ରହିଛି ଗୋଟିଏ ପ୍ରଥା ଆଉ ସଂସ୍କୃତିର କଥା। ସମୟ ସହିତ ତାଳ ଦେଇ ଜୀବନ ବି ଆଗକୁ ଗତି କରେ। ପୁରୁଣା ରୀତି ଭାଙ୍ଗେ, ନୂଆ ଗଢ଼ାହୁଏ। ଏହା ଜଗତର ନିୟମ। ଏଥିରୁ ବ୍ୟତିକ୍ରମ କେହି ନୁହନ୍ତି। ନୂଆକୁ ସ୍ୱାଗତ କରିବାକୁ ତଥାପି କାହିଁକି କେଜାଣି ମଣିଷର ଭିତରେ ବଞ୍ଚିଥିବା ରକ୍ଷଣଶୀଳ ମନଟା ଜମାରୁ ନିଜକୁ ପ୍ରସ୍ତୁତ କରି ପାରେନା। ଆଗ ନିୟମ କ'ଣ ଭଲ ଥିଲା ପଚାରିଲେ ସେ କିଛି କହି ପାରିବ ନାହିଁ କି ଏବକା ଚଳଣିରେ ଅସୁବିଧା କୋଉଠି, ସେଥିରେ ମଧ୍ୟ ସେ ନିରୁତ୍ତର ରହିବ। ବୋଧେ ମଣିଷର ମନସ୍ତତ୍ତ୍ୱର ଏହା ଗୋଟିଏ ଦିଗ, ଯାହାକୁ ସେ ନିଜେ ବିଚାର କରେ ଭଲ। ସେଥିରୁ ଅନ୍ୟଥା ହେଲେ ତା' ଆଖିରେ ସବୁ ଖରାପ ଦିଶେ।

ବିଗତ ଦୁଇଶହ ବର୍ଷରୁ ଏଯାବତ୍ ଶାଶୂ- ବୋହୂର ସମ୍ପର୍କରେ ଅନେକ ପରିବର୍ତ୍ତନ ଆସିଛି, ଏକଥା ସମସ୍ତେ ଭଲ ଭାବରେ ଜାଣନ୍ତି। ଯଦି ଆମେ ପଛକୁ ଫେରି ଚାହିଁବା, ତା'ହେଲେ ସେତେବେଳର ଓଡ଼ିଶା, ଶଣୁଣା- ଏସବୁ ଆଜି ଅତି ପୁରୁଣା ହୋଇ ଗଲାଣି, ଅଥଚ ତାକୁ ଧରି ବସି ନିଜ ବୋହୂକୁ ବାରମ୍ବାର ଇଙ୍ଗିତ କରୁଥିବା ଶାଶୂମାନଙ୍କର ଅଭାବ ବି କିଛି କମ୍ ନାହିଁ। ଫକୀର ମୋହନ ସେନାପତି ଯେତେବେଳେ 'ଗାରୁଡ଼ି ମନ୍ତ୍ର' ଗପ ଲେଖୁଛନ୍ତି, ସେତେବେଳେ ଦିନ ସମୟରେ ସ୍ତ୍ରୀଟିଏ ତା'ର ସ୍ୱାମୀ ମୁହଁକୁ ଦେଖିବାର ପ୍ରଥା ନାହିଁ, ଅଥଚ ସେଇ ସମୟର ପାଠୋଇ ବୋହୂର ବୋହୂ ଚପଲ ପିନ୍ଧି ରୋଷେଇ ଘରେ ପଶୁଛି। ଏପରି ବିରୋଧାତ୍ମକ ରୀତି ସବୁବେଳେ ଥିଲା ଆଉ ରହିବ ମଧ୍ୟ। ବଡ଼କଥା ହେଉଛି, କିଏ କିପରି ଭାବରେ ପରିସ୍ଥିତି ସହ ନିଜକୁ ଖାପ ଖୁଆଇ ପାରୁଛି। ସେତେବେଳେ ହୁଏତ ସ୍ତ୍ରୀଟିଏ ତା' ଜୀବନ କାଳ ଭିତରେ ତା' ସ୍ୱାମୀକୁ କ୍ୱଚିତ୍ ଭଲ ଭାବେ ଦେଖିବାର ସୁଯୋଗ ପାଉଥିଲା, ଅଥଚ ଏବେ ସଦ୍ୟ ବିବାହିତ ଦମ୍ପତି ହାତ ଧରାଧରି ହୋଇ ଘରକୁ ପଶୁଛନ୍ତି। ସାତମଙ୍ଗଳା ନ ଯାଉଣୁ ବନ୍ଧୁବାନ୍ଧବ ବିଦା ନ ହେଉଣୁ ପୁଅବୋହୂ ଦିନ ବେଳେ ବି ଗୋଟିଏ ଘରେ ନିଜ ଭିତରେ ହସଖୁସି ହୋଇ ଜଣେଇ ଦେଉଛନ୍ତି ଯେ ସମୟ ବଦଳି ଯାଇଛି। ବିଚରା ଶାଶୂ, ଯିଏ ନିଜେ ନିଜକୁ ଆଧୁନିକା ବୋଲି ପ୍ରଚାର କରି ସାରିଛି, ସେ ମୁହଁରେ ତୁଣ୍ଡି ଦେଉଛି ବାଧ୍ୟ ହୋଇ, କାରଣ ତା' ମନ ନ ମାନିଲେ ବି ବଦଳୁ ଥିବା ସମୟ ସହ ଖାପ ଖୁଆଇ ଚଳିବାକୁ ବାଧ୍ୟ ହେଉଛି।

ଦିନ ଥିଲା, ନିରକ୍ଷରା ଶାଶୂର ପଣତ ଆଢୁଆଳରେ ଅପାଠୋଇ ବୋହୂର ଜୀବନ ନିର୍ବିଘ୍ନରେ ବିତି ଯାଉଥିଲା। ସେଠି ଶାଶୂ ନିରକ୍ଷରା ଥିଲେ ବି ଶାଠରେ ଥିଲା ଅଭିଜ୍ଞା, ସେକଥା ବୋହୂ ଜାଣିଥିଲା। ସେ ସଂସ୍କାର ତାକୁ ବିଦା କଲାବେଳେ ତା' ବୋଉ କି ଖୁଡ଼ୀ ତାକୁ କାନେକାନେ ଶିଖେଇକି ଛାଡ଼ିଥିଲେ। ଷାଠିଏ ଦଶକ ଅର୍ଥାତ୍ ୧୯୬୦ ବେଳକୁ ଝିଅମାନେ ଆଖିଦୃଷ୍ଟିଆ ଭାବରେ ଶିକ୍ଷିତା ହେଲେଣି। ସରକାରୀ ଚାକିରିଆ ବରମାନେ ଅତି କମ୍‌ରେ ମ୍ୟାଟ୍ରିକ୍ ପାସ୍ କରା ଝିଅକୁ ପସନ୍ଦ କଲେଣି ଏବଂ ମନ ମୁତାବକ ମଧ୍ୟ କନ୍ୟା ପାଇଥିଲେ। ପରେପରେ ପାଠୋଇ 'ରେବତୀ'ମାନେ ଆସିଗଲେ ମଇଦାନକୁ। ସତୁରି ଦଶକ ବେଳକୁ ରେବତୀ ମ୍ୟାଟ୍ରିକ୍‌ରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ରଖିଲାଣି। ଯେମିତି ବିଭୂତି ପଟ୍ଟନାୟକଙ୍କ 'ବଧୂ ନିରୂପମା'ର ବଧୂ। ଏମାନେ ଶିକ୍ଷିତା ବା ଉଚ୍ଚଶିକ୍ଷିତା ଥିଲେ ମଧ୍ୟ ସଂସ୍କୃତିର ଚୌହଦୀରେ ସମସ୍ତ ଆଦର୍ଶକୁ ନେଇ ଚଳିବାକୁ ନିଜର ମନପ୍ରାଣ ଦେଇ ଚେଷ୍ଟା କରିଛନ୍ତି। କେବଳ ସ୍ୱାମୀ ନୁହେଁ, ପରିବାରର ସାନ ବଡ଼ ସମସ୍ତଙ୍କୁ ଆପଣାର କରି ବାନ୍ଧି ରଖିବାର ଦୃଢ଼ ଇଚ୍ଛାଶକ୍ତି ଏମାନେ ମନ ଭିତରେ ପୋଷଣ କରିଛନ୍ତି।

ସମୟ ବଦଳି ଯାଇଛି। ଅଶୀ ଦଶକ ବେଳକୁ ଏପରି ବୋହୂମାନେ ବିଲୁପ୍ତ ପ୍ରାଣୀ ହୋଇଗଲେ କହିଲେ ଚଳେ। ଗାଁ ଛାଡ଼ି ସହରକୁ ଆସିବା, ଶାଶୂ ଶ୍ୱଶୁରଙ୍କୁ ଗାଁରେ ଛାଡ଼ି ସହରର କୋଠାଘରେ ନିଜ ସ୍ୱାଧୀନତାରେ ବଞ୍ଚିବା ହେଲା ଏକ ପ୍ରକାର ନୂଆ ସଂସ୍କାର। ଯୌଥ ପରିବାର ଭାଙ୍ଗି ଗଢ଼ି ଉଠିଲା ଏକକ ପରିବାର। ପରିବାର କହିଲେ ବୁଝାଗଲା ସ୍ୱାମୀ, ସ୍ତ୍ରୀ ଆଉ ନିଜର ଗୋଟିଏ ବା ଦୁଇଟି ସନ୍ତାନକୁ।

ଅବଶ୍ୟ ଏକଥା ମଧ୍ୟ ସତ୍ୟ ଯେ ପ୍ରତି ପଚାଶ ବର୍ଷରେ ଥରେ ସମାଜର ଚଳଣି ବଦଳେ। ନବେ ଦଶକ ବେଳକୁ କିଛି ନୂଆ ଆଇନ୍ ପ୍ରଣୟନ ହେବା ଫଳରେ ବୋହୂମାନଙ୍କର ଷ୍ଟାଟସ୍ ଆଉ ସାହସ ବଢ଼ିଲା, ଶାଶୂମାନେ ଏଣିକି ସତର୍କ ହେଲେ। ପୂର୍ବରୁ ଶାଶୂର ରୁଚି ପ୍ରତି ଧ୍ୟାନ ଦେଉଥିଲା ବୋହୂ। ଅଥଚ ବଦଳି ଯାଇଥିବା ସମୟରେ ଶାଶୂ ଯତ୍ନଶୀଳା ହେଲା ବୋହୂର ରୁଚି ପ୍ରତି। ଏ ଧ୍ୟାନ ଦେବାଟି କିନ୍ତୁ ଥିଲା ବାଧ୍ୟତାମୂଳକ ବା ଅନିଚ୍ଛାକୃତ, କାରଣ ନବେ ଦଶକରେ ବୋହୂ ଉଚ୍ଚଶିକ୍ଷିତା; ଶାଶୂ ତା' ତୁଳନାରେ ଅଳ୍ପ ପାଠୋଇ। ବର୍ତ୍ତମାନ କିନ୍ତୁ ଏପରି ସମୟ ଆସିଯାଇଛି, ଉଭୟ ଶାଶୂ ଓ ବୋହୂ ପ୍ରାୟତଃ ଉଚ୍ଚଶିକ୍ଷିତା ଏବଂ କର୍ମଜୀବୀ ମଧ୍ୟ। ସଂସ୍କାର ପୂରାପୂରି କଡ଼ ଲେଉଟାଇ ସାରିଲାଣି। ଏଠି କିଛି ଅସୁବିଧା ନାହିଁ, ସମସ୍ୟା ରହିଛି କେବଳ ଅହଂକାରର। କେଉଁଠି ବୟସରେ ବଡ଼ ହେବାର ଅହଂକାର ତ କେଉଁଠି ଅଧିକ ଶିକ୍ଷିତା ହୋଇ ଥିବାର ଅହଂକାର ବା କେଉଁଠି ଉଭୟ ଘରର ଆଭିଜାତ୍ୟର ଛୋଟବଡ଼ ନିର୍ଦ୍ଧାରଣରେ ଅହଂକାର। ଏସବୁ ଭିତରେ ଯେ ଆଦର୍ଶ ନାହିଁ, ସେକଥା ଜମାରୁ କହିହେବ ନାହିଁ। ଏ ପ୍ରସଙ୍ଗରେ ଉଦାହରଣ ସ୍ୱରୂପ ଗୋଟିଏ ଘଟଣା ଉଲ୍ଲେଖ କରିବା ଉଚିତ୍ ହେବ।

ଜଣେ ଖୁବ୍ ଶିକ୍ଷିତା, ସଂସ୍କୃତିସମ୍ପନ୍ନା, ମିଷ୍ଟଭାଷିଣୀ, ଗୁରୁଜନପ୍ରେମୀ ମହିଳା, ଯାହାଙ୍କ ସ୍ୱାମୀ ବେଶ୍ ଉଚ୍ଚଶିକ୍ଷିତ, ସଫଳ ମଣିଷ ଏବଂ ସମାଜରେ ପ୍ରତିଷ୍ଠିତ ବ୍ୟକ୍ତି। ବୋହୂଟିର ପ୍ରଶଂସା ସମସ୍ତେ କରନ୍ତି, ତଥାପି କିଛି ଲୋକ ପଛରେ ତାଙ୍କ ବିରୁଦ୍ଧରେ କହିବାକୁ ପଛାନ୍ତି ନାହିଁ। ଏହା ଆମ ସମାଜର ସବୁଠାରୁ ବଡ଼ ଦୁର୍ଗୁଣ। ଏପରିକି ବିବାହ ପରେ ସେ ପ୍ରାୟ କୋଡ଼ିଏ ବର୍ଷ ହେଲାଣି ଶାଶୂଙ୍କ ସହ ରହି ଆସୁଛନ୍ତି। ତାଙ୍କୁ କୌତୂହଳବଶତଃ ଶାଶୂଙ୍କ କଥା ପଚାରିବାରୁ ସେ ଉତ୍ତର ଦେଇଥିଲେ, 'ମୋ ଶାଶୂ ମହୁଠାରୁ ବି ମିଠା।' ଏ ଉତ୍ତର ଜମାରୁ ଉପର ଠାଉରିଆ ନଥିଲା, ଏ ଥିଲା ତାଙ୍କ ଅନ୍ତର ମଧ୍ୟରୁ ଶାଶୂଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧାର ନୈବେଦ୍ୟ। ସତରେ, ଆଜି ଯୋଉଠି ବିବାହ ପୂର୍ବରୁ ବର- କନ୍ୟାଙ୍କର ନୁହେଁ, ବରଂ ଶାଶୂ- ବୋହୂଙ୍କର ଜାତକ ମେଳକ ଆବଶ୍ୟକ ପଡ଼ିଲାଣି, ସେପରି ସ୍ଥଳେ ଜଣେ ଉଚ୍ଚଶିକ୍ଷିତା ବୋହୂର ନିଜ ଶାଶୂଙ୍କ ସମ୍ପର୍କରେ ଏପରି କଥା ଯେତିକି ଆଶ୍ଚର୍ଯ୍ୟ, ସେତିକି ପ୍ରଶଂସନୀୟ। ସମସ୍ତେ କିନ୍ତୁ ଏଥିରୁ ଅନେକ କିଛି ଶିଖିବା କଥା।

ସଂସ୍କାର ବଦଳି ଯାଉ, ସମାଜର ରୀତି, ପ୍ରଥା ବଦଳି ଯାଉ, ସମୟ ବି ବଦଳି ଯାଉ, ହେଲେ ସମ୍ପର୍କର ସେତୁଟି ସବୁବେଳେ ମଜବୁତ୍ ହୋଇ ରହିଥାଉ। ଅଲିମ୍ପିକ୍‌ର ମଶାଲ ଯେମିତି ଗୋଟିଏ ହାତରୁ ଆଉ ଗୋଟିଏ ହାତକୁ ଯାଏ, ଅଥଚ ମଶାଲ ସେମିତି ଜଳୁଥାଏ, ଠିକ୍ ସେମିତି ପରମ୍ପରାରର ମଶାଲଟି ଶାଶୂ ହାତରୁ ବୋହୂ ହାତକୁ ଯାଉଥାଉ। ବୋହୂ ତାକୁ ସାଦରେ ଗ୍ରହଣ କରି ଦାୟିତ୍ୱ ନେଉ ତା'ର ପର ପିଢ଼ି ହାତକୁ ଦେବା ଲାଗି। ସବୁ ବୋହୂମାନେ ଏମିତି କହୁଥାନ୍ତୁ- 'ମୋ ଶାଶୂ ମହୁଠାରୁ ବି ମିଠା।' ■

ଏସ୍.ଇ- ୫୦, ଶକ୍ତିନଗର, ରାଉରକେଲା

ମୋ: ୯୪୩୭୨୦୨୪୩୩

ସମ୍ପାଦକଙ୍କୁ ପତ୍ର

ଧାରାବାହିକଗୁଡ଼ିକ ସମାଜରେ ଅସ୍ଥିରତା ବଢ଼ାଉଛନ୍ତି

ଗଣମାଧ୍ୟମ ଆମକୁ ସୂଚନା ଦେବା ସହ ସମାଜରେ ସଂସ୍କାର ଆଣେ। କିନ୍ତୁ ଏବେ ଟିଭି ଚ୍ୟାନେଲ୍‌ଗୁଡ଼ିକ ଯେଉଁ ଧାରାବାହିକ ପରିବେଷଣ କରୁଛନ୍ତି, ସେଗୁଡ଼ିକ ସମାଜ ଉପଯୋଗୀ ହେଉନାହିଁ। ବିଜ୍ଞାନର ଅଗ୍ରଗତି ଯୋଗୁ ମଣିଷର ଜୀବନଧାରା ବଦଳୁଛି। ତା' ସହ ସମାଜରୁ ତନ୍ତ୍ରମନ୍ତ୍ର, ଗୁଣିଗାରେଡ଼ି ଓ କଳା ଯାଦୁ ପ୍ରତି ବି ଲୋକମାନଙ୍କ ଭରସା କମୁଛି। କିନ୍ତୁ ଟିଭି ଚ୍ୟାନେଲ୍‌ଗୁଡ଼ିକ ଗୁଣିଗାରେଡ଼ି, ଡାହାଣୀଓ ଭୂତପ୍ରେତ ପ୍ରତି ଲୋକଙ୍କ ମନରୁ ସନ୍ଦେହ ଦୂର କରିବା ଛାଡ଼ି ପୂର୍ବଜନ୍ମ, ପୂର୍ବ ଜନ୍ମର ରାକ୍ଷସ, ଡ଼ାହାଣୀ ଓ ନାଗ ଦେବଦେବୀଙ୍କ ଉପରେ କାହାଣୀ ସମ୍ବଳିତ ଧାରାବାହିକ ଗୁଡ଼ିର ବେଶୀ ଦର୍ଶକ ହିଁ ମହିଳାମାନେ ଥାଆନ୍ତି। ଆଉ ସେମାନେ ବେଶୀ ଭାବପ୍ରବଣ ସହ ଗୁଣିଗାରେଡ଼ି ପ୍ରତି ଆକର୍ଷିତ ହୁଅନ୍ତି। ଏହିସବୁ ଧାରବାହିକା ଗୁଡ଼ିକ ପରିବାର ଭିତରେ ବି ଅଶାନ୍ତି ସୃଷ୍ଟି କରିବା ସହ ଅନେକ ପରିବାର ଉଜାଡ଼ିବାରେ ଲାଗିଛି। ଚଳଚ୍ଚିତ୍ରକୁ ଯେମିତି ସେନ୍‌ସର ବୋର୍ଡ ମୁକ୍ତିଲାଭ କରିବା ପୂର୍ବରୁ ସମୀକ୍ଷା କରୁଛି ଠିକ୍ ସେହିପରି ଦୂରଦର୍ଶନର ବିଭିନ୍ନ ଚ୍ୟାନେଲ୍‌ର ଧାରାବାହିକ ଗୁଡ଼ିକୁ ସମୀକ୍ଷା କରି ପରିବେଷଣ ହେବାର ସମୟ ପହଞ୍ଚିଲାଣି। ଏଣେ ସରକାର ପାଠ ବହି, ସଚେତନତା ସଭା, ଗୋଷ୍ଠୀ କାର୍ଯ୍ୟକ୍ରମ ଜରିଆରେ ସମାଜରୁ ଅନ୍ଧବିଶ୍ୱାସ ଦୂର କରିବାକୁ ଉଦ୍ୟମ କରୁଥିବାବେଳେ ଲୋକପ୍ରିୟ ଚ୍ୟାନେଲ୍‌ଗୁଡ଼ିକ ସମାଜରେ ଥିବା କୁସଂସ୍କାରକୁ ଅଧିକ ପ୍ରଚାର ପ୍ରସାର କରି କୋଉ ବାର୍ତ୍ତା ଦେଉଛନ୍ତି ତାହା ବୁଝାପଡୁନି। ତେଣୁ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାର ସମୟ ଆସିଛି।

ସନ୍ତୋଷ କୁମାର ମହାନ୍ତି, ସଫା, କଟକ

ଚାଷୀ ଆନ୍ଦୋଳନକୁ ରାଜନୈତିକ ରୂପ ଦିଆନଯାଉ

ପ୍ରାଇସ୍ ପ୍ରେଷ୍ଟିଜ୍ ଓ ପେନ୍‌ସନ ପାଇଁ ରାଜ୍ୟର ଚାଷୀକୁଳ ନବନିର୍ମାଣ କୃଷକ ସଙ୍ଗଠନ ଜରିଆରେ ଗତ ୫ ବର୍ଷ ଧରି ଆନ୍ଦୋଳନ କରି ଆସୁଛି। ଏହା ବ୍ୟତୀତ ବିଭିନ୍ନ ଦଳର ଚାଷୀ ସଙ୍ଗଠନ ମଧ୍ୟ ବିଭିନ୍ନ ସମୟରେ ଦାବି ହାସଲ ନିମିତ୍ତ ଧାରଣା, ଧର୍ମଘଟ କରି ଆସୁଛନ୍ତି। ତା' ସତ୍ତ୍ୱେ ସରକାରଙ୍କ ନିଦ ନଭାଙ୍ଗିବା ଦୁଃଖର ବିଷୟ। ଅବଶ୍ୟ ୫ ବର୍ଷର ଆନ୍ଦୋଳନ ପରେ ଚାଷୀଙ୍କ ଅନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି। ତା ସତ୍ତ୍ୱେ ଆନ୍ଦୋଳନ ଥମିବାର ସମ୍ଭାବନା ଦେଖାଯାଉ ନାହିଁ। ନବନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ସମର୍ଥନ ଜଣାଇ ରାଲିରେ ଭାଗ ନେଇଛନ୍ତି। ଚାଷୀମାନେ ହଜାର ହଜାର ସଂଖ୍ୟାରେ ବିଭିନ୍ନ ଅଞ୍ଚଳରୁ ଆସି ରାଜଧାନୀର ବିଭିନ୍ନ ପ୍ରାନ୍ତରେ ପଡ଼ି ରହିଛନ୍ତି। ସରକାର ରାଜଧାନୀ ରାଜରାସ୍ତାଗୁଡ଼ିକରେ ୧୪୪ ଧାରା ଜାରି କରି ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଉଦ୍ୟମ ଚଳାଇଛନ୍ତି। ୧୪୪ ଧାରା ଭାଙ୍ଗୁଥିବା ଚାଷୀମାନଙ୍କୁ ଗିରଫ କରି ନିଆଯାଉଛି। ତଥାପି ଚାଷୀମାନଙ୍କ ମନୋବଳ ଓ ଧୈର୍ଯ୍ୟ ଅତୁଟ ରହିଛି। ଚାଷୀ ଆନ୍ଦୋଳନକୁ ରାଜନୀତିକରଣ କରନଯାଇ ସ୍ୱାଧୀନ ଭାବରେ ଚାଲୁ। ଅତୀତରେ ମଧ୍ୟ କୌଣସି ରାଜନୈତିକ ଦଳ ଚାଷୀମାନଙ୍କ ସମସ୍ୟା ଦୂର କରିନାହାନ୍ତି। ଆଜି ସେମାନେ କୁମ୍ଭୀର କାନ୍ଦଣା ଚଳାଇଛନ୍ତି। ଚାଷୀର ଜୟ ହେଉ।

ନିର୍ମଳ ସାମଲ, ବଡ଼ଚଣା, ଯାଜପୁର

ଅନୁରୋଧ

ଏହି ସ୍ତମ୍ଭରେ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ଆପଣଙ୍କ ସୁଚିନ୍ତିତ ମତ ଓ ମନ୍ତବ୍ୟ ନିମ୍ନରେ ଥିବା ଆମ ଠିକଣାରେ ପଠାଇବାକୁ ଅନୁରୋଧ। - **ସମ୍ପାଦକ**

ଲେଖା ପଠାଇବାର ଠିକଣା, ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com